# ଓଡିଆ (୩୦୫)

## ODIA (305)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୦-୨୧)

## TUTOR MARKED ASSIGNMENT (TMA), 2020-21

ସର୍ବାଧିକ ନମ୍ବର - ୨୦

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାଖରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ,ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ବାପର ଗୁଳିରେ ପୁଅର ମୃତ୍ୟୁ ହେଲେ ସଦ୍ୟବିଧବା ଯୁବତୀ ବୋହୂର ବୁକୁଫଟା କ୍ରନ୍ଦନ ସହ୍ୟକରି ହୁଏ ନାହିଁ । ନିଜ କଳ୍ପନାରୁ କିମ୍ବା ଅନୁଭୂତିରୁ ସେ ମର୍ମନ୍ତୁଦ ଦୃଶ୍ୟର କରୁଣଚିତ୍ର ବର୍ଣ୍ଣନା କର ।

(ପାଠ- ୨ ଦେଖ)

(ଖ) ଏ ସଂସାର ରଙ୍ଗମଂଚରେ ସମସ୍ତେ ଅଭିନୟ କରିବାକୁ ବାଧ, ଅଭିନୟ ସରିଗଲେ ସମସ୍ତଙ୍କୁ ବାହୁଡିଯିବାକୁ ହୁଏ । ଏ ସଂପର୍କରେ ନିଜର ସୁଚିନ୍ତିତ ମନ୍ତବ୍ୟ ଉପସ୍ଥାପନ କର । (ପାଠ- ୫ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ବିଜ୍ଞାନ ଯଦି ମାନବ ସଭ୍ୟତାର ଉପକାର ନକରି ଅପକାର କରେ ତେବେ ବିଜ୍ଞାନ ମାନବ ଜାତିର ଶତ୍ରୁଭାବରେ ପରିଗଣିତ ହେବ । ସାଂପ୍ରତିକ କରୋନା ସଂକ୍ରମଣ ଆଧାରରେ ସତ୍ୟତା ବୁଝାଇଦିଅ ।

(ପାଠ- ୬ ଦେଖ)

(ଖ) ଗ୍ରାମ୍ୟ ଜୀବନରେ ସୂର୍ଯ୍ୟାସ୍ତ ଓ ସନ୍ଧ୍ୟାର ଅନୁଭବ କିପରି ନିଜ ଅନୁଭୂତି ବର୍ଣ୍ଣନା କର ।

(ପାଠ- ୧୩ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଏକ ଦୀର୍ଘ ଭୋଗ ସର୍ବସ୍ୱ ଜୀବନ ଅପେକ୍ଷା ଏକ ସଂକ୍ଷିପ୍ତ ତ୍ୟାଗ ସର୍ବସ୍ୱ ଜୀବନ ଶ୍ରେୟସ୍କର- ଆଲୋଚନା କର ।

(ପାଠ- ୧୪ ଦେଖ)

(ଖ) ରାଜ ପଥ ନୁହେଁ ଗ୍ରାମ ପଥ ହିଁ ଆକର୍ଷଣୀୟ କାହିଁକି ଆଲୋଚନା କର ।

(ପାଠ- ୧୭ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ବେକାରୀ ଓ ଭିକାରୀ ଆମ ଦେଶରେ ଉନ୍ନତିରେ ପ୍ରତିବନ୍ଧକ କି ? ଆଲୋଚନା କର ।

(ପାଠ- ୭ ଦେଖ)

(ଖ) ଆମ ପରୀକ୍ଷା ବ୍ୟବସ୍ଥା ଭଲ ନା ଭେଲ ମନ୍ତବ୍ୟ ଦିଅ ।

(ପାଠ- ୮ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ନିଜକୁ ଭଲଲାଗୁଥିବା ଜଣେ ବିଶିଷ୍ଟ ମହାପୁରୁଷଙ୍କ ଜୀବନୀ ସଂର୍ପକରେ ଲେଖ ।

(ପାଠ- ୮ ଦେଖ)

(ଖ) କି ପ୍ରକାର ବ୍ୟବସ୍ଥା ଗ୍ରହଣ କରାଗଲେ ଆମ ସମାଜରୁ ଯୌତୁକ ରାକ୍ଷାସକୁ ଦୂରେଇ ଦିଆଯାଇପାରନ୍ତା । ନିଜସ୍ୱ ଅଭିମତ ସାବ୍ୟସ୍ତ କର ।

(ପାଠ- ୯ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬)

(କ) ମୋବାଇଲ୍ ଓ କମ୍ପ୍ୟୁଟର ବ୍ୟବହାର ବିଦ୍ୟାର୍ଥୀଙ୍କର କେତେ କ୍ଷତି ଓ କେତେ ଲାଭ କରୁଛି ଆକଳନ କରି ଏକ ପ୍ରକଳ୍ପ ନିର୍ମାଣ କର ।

(ପାଠ- ୬ ଦେଖ)

(ଖ) ଭାରତୀୟ ଜୀବନଧାରା ମୂଳତଃ ଧର୍ମ ଭିତ୍ତିକ । ଏଣୁ ପୁରାଣର ଚରିତ୍ରମାନେ ଆମ ପାଇଁ ଆଦର୍ଶ ସ୍ଥାନୀୟ । ଏହିଭଳି ଯେକୌଣସି ଏକ ପୌରାଣିକ ଚରିତ୍ରକୁ ନେଇ ଯୁଗୋପଯୋଗୀ ପକଳ୍ପ ପ୍ରସ୍ତୁତ କର ।

(ପାଠ- ୮ ଦେଖ)